ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 978/04-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୪ ଜାନୁଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବ୍ରହ୍ମପୁରସ୍ଥିତ ରାମଲିଙ୍ଗେଶ୍ୱର ଜଳାଶୟର ପୁନରୁଦ୍ଧାର ଓ ଉଦ୍ୟାନର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି ଏବଂ ଏହାକୁ ରୂପାନ୍ତରର ଅନନ୍ୟ ଉଦାହରଣ ଭାବରେ ଅଭିହିତ କରିଛନ୍ତି । ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରରେ ଏହି ରୂପାନ୍ତର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ଦର୍ଶାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରବାସୀଙ୍କୁ ସେମାନଙ୍କର ଅକୁଣ୍ଠ ସମର୍ଥନ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବ୍ରହ୍ମପୁରକୁ ଏକ ଆଦର୍ଶ ସହର ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର କ୍ରମାଗତ ଉଦ୍ୟମ ଜାରି ରଖିଛନ୍ତି । ସେ ପୁଣି କହିଛନ୍ତି ଯେ ଆଧୁନିକ ସୁବିଧା ଥିବା ଏକ ଷ୍ଟାଡିୟମ୍‌ର କାର୍ଯ୍ୟ ଆଗେଇ ଚାଲିଥିବାବେଳେ ୪୨ କୋଟି ଟଙ୍କାର ଏକ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରର କାର୍ଯ୍ୟ ଶେଷ ହେବାକୁ ଯାଉଛି । ସେହିପରି ସହରର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରିଙ୍ଗ୍‌ରୋଡ଼ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

  - ମାନ୍ୟବର ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ଶ୍ରୀ ବିକ୍ରମ କେଶରୀ ଆରୁଖ, ମାନ୍ୟବର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ, ମାନ୍ୟବର ବିଧାୟକ ଶ୍ରୀ ବିକ୍ରମ ପଣ୍ଡା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ସଭାପତି ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଡ. ଏସ୍. ମୁରଲୀଧର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ରୂପେ ନିଯୁକ୍ତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କୁ ଓଡ଼ିଶାକୁ ସ୍ୱାଗତ କରିବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କେଉଁଝର ଜିଲ୍ଲାର ୧୨ଟି ସ୍ୱାସ୍ଥ୍ୟଯତ୍ନ ସୁବିଧା କେନ୍ଦ୍ର ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଥିବାରୁ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ଏହା ତୃଣମୂଳସ୍ତରରେ ଉଚ୍ଚଗୁଣାତ୍ମକ ସ୍ୱାସ୍ଥ୍ୟଯତ୍ନ ସେବାକୁ ଅଧିକ ସୁନିଶ୍ଚିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାଭିମାନ ଅଞ୍ଚଳରେ ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରିବା ସହ ଯୋଗାଯୋଗ କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ିଛି 'ସେତୁ' ଯୋଜନା । ଗୁରୁପ୍ରିୟା ସେତୁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଲୋକଙ୍କ ଜୀବନଜୀବିକାକୁ ଆହୁରି ସହଜ କରିବା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀଠାରେ ପ୍ରସ୍ତାବିତ ଅତ୍ୟାଧୁନିକ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ଓଡ଼ିଶା ପର୍ଯ୍ୟଟନ ପାଇଁ ପ୍ରମୁଖ ପ୍ରୋତ୍ସାହନ ହେବ । ଏହା ଉପକୂଳ ଜିଲ୍ଲାକୁ ଆଧ୍ୟାତ୍ମିକ ଓ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ଲକ୍ଷ୍ୟସ୍ଥଳରେ ପରିଣତ କରିବା ସହ ଅନ୍ତର୍ଜାତୀୟ ଯାତାୟତ ପାଇଁ ପ୍ରବେଶଦ୍ୱାର ହେବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ 'ଓଡ଼ିଶା ମିଲେଟ୍ ମିଶନ୍' ଏବଂ 'ମୋ ଉପକାରୀ ବଗିଚା' ନିତି ଆୟୋଗ ପକ୍ଷରୁ ପ୍ରକାଶିତ 'ସ୍ୱାସ୍ଥ୍ୟ ଓ ପୋଷଣ ଅଭ୍ୟାସ ଅନ୍ତର୍ଦୃଷ୍ଟି' ଶୀର୍ଷକ ରିପୋର୍ଟରେ ସଫଳ କାହାଣୀ ଭାବେ ସ୍ଥାନିତ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହା ଦ୍ୱାରା ତୃଣମୂଳସ୍ତରରେ ଆସିଥିବା ପରିବର୍ତ୍ତନ ଉପରେ ଆଲୋକପାତ କରି ଏହି ରିପୋର୍ଟରେ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଓଡ଼ିଶା ମିଲେଟ୍ ମିଶନ୍' ଯୋଗୁଁ ମିଲେଟ୍ ଉତ୍ପାଦନ ପାଇଁ ଆଗ୍ରହୀ ଚାଷୀଙ୍କ ସଂଖ୍ୟା ବ୍ୟାପକ ଭାବେ ବୃଦ୍ଧି ହୋଇଥିବା ଜାତୀୟ ଆୟୋଗଙ୍କ ଦୃଷ୍ଟିକୁ ଆସିଛି । ସେହିପରି 'ମୋ ଉପକାରୀ ବଗିଚା' ରାଜ୍ୟର ମହିଳା ଓ ଶିଶୁମାନଙ୍କ ମଧ୍ୟରେ ଖାଦ୍ୟବିବିଧତାରେ ଉନ୍ନତି ଆଣିପାରିଛି ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଉତ୍ତରପ୍ରଦେଶର ମୁରାଦନଗରରେ ଏକ ଶ୍ମଶାନର ଛାତ ଭୁଷୁଡ଼ି ଅନେକ ଜୀବନହାନି ଘଟିଥିବାରୁ ଦୁଃଖପ୍ରକାଶ କରିଛନ୍ତି । ସେ ଏପରି ଦାରୁଣ କ୍ଷତିକୁ ଅତିକ୍ରମ କରିବା ନିମନ୍ତେ ଶୋକସନ୍ତପ୍ତ ପରିବାରଗୁଡ଼ିକ ସହସ ଅର୍ଜନ କରନ୍ତୁ ବୋଲି ଆଶା କରିବା ସହିତ ଆହତମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୦,୨୮,୮୭୩ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୦,୪୯୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୬,୨୦୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୮୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୩୪୫ ରହିଛି ।
- ୨,୩୪୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**